# REGIONAL NEWS UNIT, AIR KATAKA

## Evening Bulletin (6.45 PM)

### 24 November – 2026

**********

## ମୁଖ୍ୟ ସମ୍ବାଦ

- ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରା– କଟକର ଅଷ୍ଟଦିବସୀୟ ବାଲିଯାତ୍ରା ଆଜିଠାରୁ ହେଲା ଆରମ୍ଭ

– ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କଲେ ଉଦ୍‌ଘାଟନ

– ଇଣ୍ଡୋନେସିଆର ବାଲିଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ଦିନିଆ ଓଡ଼ିଶା ପରବକୁ ଆଭାସୀ ଜରିଆରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

- ବୋଇତ ଯୋଜନା ମାଧ୍ୟମରେ ଜଳସେଚନ ଭିତ୍ତିଭୂମିଗୁଡ଼ିକୁ ପର୍ଯ୍ୟଟନ ସହ ଯୋଡ଼ିବା ନେଇ ସରକାରଙ୍କ ପଦକ୍ଷେପ

ଏବଂ

- ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ରାଜରାଜେଶ୍ୱର ବେଶରେ ଦର୍ଶନ ଦେଇଛନ୍ତି ଶ୍ରୀଜୀଉ

Desk

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରିବା ନେଇ ଏସିଆର ସର୍ବବୃହତ୍ତମ ମୁକ୍ତାକାଶ ବାଣିଜ୍ୟ ମେଳା କଟକ ବାଲିଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି। କଟକ ବାଲିଯାତ୍ରା ଇତିହାସରେ ପ୍ରଥମଥର ପାଇଁ ଭାରତର ରାଷ୍ଟ୍ରପତି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଛନ୍ତି। ସିଲ୍‌ଭରସିଟି ବୋଟ୍ କ୍ଲବ ପକ୍ଷରୁ ପ୍ରସ୍ତୁତ ଏକ  ସ୍ୱତନ୍ତ୍ର ଡଙ୍ଗା ତରଙ୍ଗିଣୀରେ ମହାନଦୀରେ ଆସି ବାଲିଯାତ୍ରା ପଡ଼ିଆରେ ପହଁଞ୍ଚିବା ପରେ ଶ୍ରୀମତୀ ମୁର୍ମୁ ଏକ ସୁସଜ୍ଜିତ ବିଦ୍ୟୁତଚାଳିତ ଗାଡ଼ିରେ ଓରମାସ୍ ଷ୍ଟଲ୍ ସମେତ ଯାତ୍ରା ପଡ଼ିଆରେ ଆୟୋଜିତ ଆଉ କିଛି ବର୍ଣ୍ଣାଢ୍ୟ ମଣ୍ଡପ ଓ ଷ୍ଟଲ୍ ବୁଲି ଦେଖିଥିଲେ। ଏହାପରେ ମହାନଦୀ ଘାଟରେ ରାଷ୍ଟ୍ରପତି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ବୋଇତ ଭସାଇଥିଲେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବର୍ତ୍ତମାନ ବାଲିଯାତ୍ରା ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରୁଛନ୍ତି। ରାଜ୍ୟପାଳ ବ୍ରଜମୋହନ ରାମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଯାତ୍ରା ଉଦ୍‌ଘାଟନ ସମାରୋହରେ ଉପସ୍ଥିତ ଅଛନ୍ତି। ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ମଧ୍ୟାହ୍ନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱରରେ ପହଁଞ୍ଚିଥିଲେ। ଆସନ୍ତାକାଲି ଭୁବନେଶ୍ୱରରେ ଆୟୋଜିତ ଜାତୀୟ ହୋମିଓପ୍ୟାଥିକ୍ ବୈଜ୍ଞାନିକ ସମ୍ମିଳନୀରେ ରାଷ୍ଟ୍ରପତି ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

# ବାଲିଯାତ୍ରା

କଟକ ଐତିହାସିକ ବାଲିଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଲୋକଙ୍କ ଯାତାୟାତ ପାଇଁ ସ୍ୱତନ୍ତ୍ର ଭାବେ ଆମ ବସ୍ ସେବାର ବ୍ୟବସ୍ଥା କରାଯାଇଛି । ଜନସାଧାରଣଙ୍କର ସୁବିଧାକୁ ଦୃଷ୍ଟିରେ ରଖି ମୋଟ୍ ୫୦ଟି ଆମ ବସ୍ ନିୟୋଜିତ କରାଯାଇଛି । ଖୋର୍ଦ୍ଧା ଭୁଆସୁଣୀ ମନ୍ଦିରରୁ କ୍ୟାଣ୍ଟନମେଣ୍ଟ ଥାନା ପର୍ଯ୍ୟନ୍ତ ଏହି ବସ୍ ଚଳାଚଳ କରିବ । ଏହି ରାସ୍ତାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଟିକେଟ୍‌ର ମୂଲ୍ୟ ୧୦ ଟଙ୍କା ରଖାଯାଇଛି । ବାଲିଯାତ୍ରା ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ମାସ ୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

Subarnpur/BDK/D.gada

# ବୋଇତବନ୍ଦାଣ କାର୍ଯ୍ୟକ୍ରମ

ପ୍ରାଚୀନ ଉତ୍କଳର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରି ଆଜି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଜ୍ୟର ବିଭିନ୍ନ ନଦୀ ଓ ପୁଷ୍କରଣୀ ସମେତ ମହୋଦଧିରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଛି । ଆ-କା-ମା-ବୈ ଗୀତ ସହ ଶ୍ରଦ୍ଧାଳୁମାନେ ପ୍ରାଚୀନ ପରମ୍ପରାକୁ ସ୍ମରଣ କରି ଡଙ୍ଗା ଭସାଇଛନ୍ତି । ପୁରୀ ମହୋଦଧି ସମେତ ଭୁବନେଶ୍ୱର ବିନ୍ଦୁସାଗରରେ ମଧ୍ୟ ବୋଇତ ବନ୍ଦାଣ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ

ହୋଇଥିଲା । କଟକ ମହାନଦୀ ଗଡ଼ଗଡ଼ିଆ ଘାଟରେ ପ୍ରତ୍ୟୁଷରୁ ଆଳତୀ, କୀର୍ତ୍ତନ ସହ ବୋଇତ ବନ୍ଦାଣ  ଅନୁଷ୍ଠିତ ହୋଇଥିଲା ।

ଦେବଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି।

ଭଦ୍ରକ ଜିଲ୍ଲା ଧାମରା ଗଙ୍ଗାମାତା ପଡ଼ିଆଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସାଂସଦ ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ସୁବର୍ଣ୍ଣପୁର ଜିଲ୍ଲାର ମହାନଦୀ ଲଙ୍କେଶ୍ୱରୀ ଗଣ୍ଡରେ ୬୩ତମ ରାଜ୍ୟସ୍ତରୀୟ ନୌଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୧୨୦ ଜଣ ଯୁବନାବିକ ଅଂଶଗ୍ରହଣ କରିଥିଲେ।

Desk

## ଓଡ଼ିଶା ପରବ

ବାଲିଯାତ୍ରାକୁ ସ୍ମରଣୀୟ କରିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଇଣ୍ଡୋନେସିଆର ବାଲିଠାରେ  ୨ ଦିନିଆ ଓଡ଼ିଶା ପରବ ୨୦୨୬ର ଆୟୋଜନ କରାଯାଇଛି ।  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ବାଲିଦ୍ୱୀପ ସ୍ଥିତ ସାନୁର ସମୁଦ୍ର ତଟରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବର ଶୁଭାରମ୍ଭ କରିଛନ୍ତି। ଓଡ଼ିଶା ପରବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇ

ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା' ବାଲି ରାଜ୍ୟପାଳଙ୍କ ପ୍ରତିନିଧି, ପର୍ଯ୍ୟଟନ ଏବଂ ପଲିଟେକନିକ୍ ଅଧିକାରୀମାନଙ୍କ ସହିତ ଏକ ଫଳପ୍ରଦ ଆଲୋଚନା ହୋଇଛି। ଏହାଦ୍ୱାରା ପର୍ଯ୍ୟଟନ ପ୍ରୋତ୍ସାହନ, ସାଂସ୍କୃତିକ ବିନିମୟ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଉଭୟ ଓଡ଼ିଶା ଏବଂ ବାଲି ମଧ୍ୟରେ ସ୍ଥାୟୀ ସମ୍ପର୍କକୁ ଆହୁରି ମଜଭୁତ କରିବ। ଏଥିସହିତ ପର୍ଯ୍ୟଟନ, ନିବେଶ ଏବଂ ଲୋକ ସମ୍ପର୍କ ପାଇଁ ଏହା ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

Desk

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ  ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ପ୍ରଧାନମନ୍ତ୍ରୀଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୪୦ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ  ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov  ପୋର୍ଟାଲ୍‌ରେ  ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ମତାମତ ରେକର୍ଡ କରିପାରିବେ । ଏଥିସହ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୭ ତାରିଖ ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ ।

Desk

## ଜଳସମ୍ପଦ ବିଭାଗ ସମୀକ୍ଷା

ରାଜ୍ୟରେ ଜଳ ଓ ପରିବେଶ ସୁରକ୍ଷା ଏବଂ ଜଳବାୟୁ ସହନଶୀଳତା ବୃଦ୍ଧି ସଂକ୍ରାନ୍ତରେ ଭୁବନେଶ୍ୱରଠାରେ ପ୍ରମୁଖ ଶାସନ ସଚିବ ସୁଭା ଶର୍ମା ଜଳସମ୍ପଦ ବିଭାଗର ୬ଟି ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି। ପ୍ରକଳ୍ପଗୁଡ଼ିକ ମଧ୍ୟରେ ବୋଇତ ଯୋଜନା, ନଦୀ ପୁନରୁଦ୍ଧାର, ନଦୀ ମୁହାଁଣ ଖନନ, ସହରାଞ୍ଚଳ ବର୍ଷାଜଳ ନିଷ୍କାସନର ଉନ୍ନତି, ଗଙ୍ଗୁଆ ନଦୀର ପୁନରୁଦ୍ଧାର ଏବଂ ଜଳଭଣ୍ଡାରର ପଟୁମାଟି ଅପସାରଣ ରହିଛି। ବୈଠକରେ ପ୍ରକଳ୍ପଗୁଡ଼ିକର ବିସ୍ତୃତ ବିବରଣୀ—ଡି.ପି.ଆର୍., ବ୍ୟୟ ଅଟକଳ, ବୈଷୟିକ ଅନୁମୋଦନ ଏବଂ କାର୍ଯ୍ୟାନ୍ୱୟନ ସମୟସୀମା ନେଇ ଆଲୋଚନା ହୋଇଥିଲା। ବୋଇତ ଯୋଜନା ମାଧ୍ୟମରେ ଐତିହାସିକ ଜଳସେଚନ ଭିତ୍ତିଭୂମିକୁ ପର୍ଯ୍ୟଟନ ସହ ଯୋଡ଼ିବା ସହିତ ବନ୍ୟା ନିୟନ୍ତ୍ରଣ ଏବଂ ଜଳଭଣ୍ଡାରର ଜଳଧାରଣ କ୍ଷମତା ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରାଯାଇଛି।

Subarnpur

## ରାଜରାଜେଶ୍ୱର ବେଶ

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କର ଦୁର୍ଲ୍ଲଭ ରାଜରାଜେଶ୍ୱର ବେଶ ବା ସୁନାବେଶ  ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ଅବକାଶ ନୀତି ଶେଷ ପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କ ବିଭିନ୍ନ ରତ୍ନଅଳଙ୍କାର ଓ ପାଟବସ୍ତ୍ରରେ ସଜ୍ଜିତ କରିଥିଲେ । ଶ୍ରୀଜୀଉମାନଙ୍କୁ ଶ୍ରୀଭୁଜ, କିରିଟ, ଶ୍ରୀପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କୁଣ୍ଡଳ, ଚିତା ଆଦି ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ କରାଯାଇଛି । ଏକ ମାସ ବ୍ୟାପୀ ଚାଲିଥିବା ହବିଷ୍ୟାଳୀମାନଙ୍କ କାର୍ତ୍ତିକ ବ୍ରତ ଆଜି ସମାପନ ହେଉଛି ।

ସୁବର୍ଣ୍ଣପୁରସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାତାଳି ଶ୍ରୀକ୍ଷେତ୍ରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରୀଜୀଉମାନେ ରାଜରାଜେଶ୍ୱର ବେଶରେ ଶ୍ରଦ୍ଧଶଳୁଙ୍କୁ ଦର୍ଶନ ଦେଉଛନ୍ତି।

Kendrapada

## ଦେବଦର୍ଶନ

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କେନ୍ଦ୍ରାପଡ଼ାସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଦେବଦର୍ଶନ ପାଇଁ ଭକ୍ତଙ୍କ ସମାଗମ ହୋଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

HS

## ଭତ୍ତା ପ୍ରଦାନ

ମଧୁବାବୁ ପେନସନ୍ ଯୋଜନାର ବାକିଥିବା ନୂତନ ହିତାଧିକାରୀ ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ବ୍ୟାଙ୍କ-ଲିଙ୍କ୍

ହିତାଧିକାରୀଙ୍କୁ ଆସନ୍ତାକାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ୱାର୍ଡ ଅଫିସ୍‌ରେ ଭତ୍ତା ପ୍ରଦାନ କରାଯିବ। ଏ ନେଇ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି।

Desk

# ଗୁରୁପର୍ବ

ଶିଖ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବଙ୍କ ୫୫୭ତମ ଜୟନ୍ତୀ ଅବସରରେ ଆଜି ଦେଶବିଦେଶରେ ସମ୍ପୂର୍ଣ୍ଣ ଧାର୍ମିକ ଉତ୍ସାହର ଗୁରୁ ପର୍ବ ପାଳନ କରାଯାଉଛି । ଗୁରୁ ନାନକ ‘ଏକ ଓଁକାର ଏକ ଈଶ୍ୱର’ ବାର୍ତ୍ତା ଦେଇ ଜାତିବାଦ ଭଳି ସାମାଜିକ କୁ-ପ୍ରଥାର ବିରୋଧ କରିଥିଲେ ଏବଂ ସମସ୍ତ ମଣିଷ ସମାନ ବୋଲି ଗୁରୁତ୍ୱାରୋପ କରିଥିଲେ । ଏହି ପବିତ୍ର ଦିବସ ଅବସରରେ ସାରା ଦେଶର ଗୁରୁଦ୍ୱାର ଗୁଡ଼ିକରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶିଖ୍ ଧର୍ମାବଲମ୍ବୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁ ନାନକଙ୍କ ପ୍ରକାଶ ପର୍ବ ଅବସରରେ ଦେଶବିଦେଶରେ ରହୁଥିବା ସମସ୍ତ ଭାରତୀୟଙ୍କୁ ଅନ୍ତରର ଶୁଭେଚ୍ଛା ଜଣାଇଛନ୍ତି । ମାନବତା ମଧ୍ୟରେ ଏକତା ଭାବ ସୃଷ୍ଟି ସହ ସମାଜରେ ଶାନ୍ତି

ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ପାଇଁ ଗୁରୁନାନକଙ୍କ ବାଣୀ ପ୍ରେରଣା ଦେଇଆସୁଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

Nuapada

## ଗୁରୁନାନକଙ୍କ ଜୟନ୍ତୀ

ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ ଗୁରୁଦ୍ୱାରାଠାରେ ଗୁରୁ ନାନକଙ୍କ ୫୫୭ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଲଙ୍ଗର ସେବା ସହିତ ପ୍ରଭାତଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

Desk

## ଅଭ୍ୟର୍ଥନା ଗୃହ ଉଦ୍‌ଘାଟନ

ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନରେନ୍ଦ୍ର ପୁଷ୍କରିଣୀଠାରେ ଏକ ନୂତନ ସୂଚନା କେନ୍ଦ୍ର ଏବଂ ଅଭ୍ୟର୍ଥନା ଗୃହର ଶୁଭାରମ୍ଭ ହୋଇଛି । ନୂତନ ଭାବେ ସୂଚନା କେନ୍ଦ୍ର ସ୍ଥାପିତ ହେବା ପରେ ବିଭିନ୍ନ ପର୍ବପର୍ବାଣି ଜାନିଯାତ୍ରା ସମୟରେ ସୂଚନା ପ୍ରସାରଣ ଏବଂ ଜରୁରୀକାଳୀନ ଘୋଷଣା ଏଠାରେ ଉପଲବ୍ଧ ହେବ । ବିଶେଷ କରି ଚନ୍ଦନଯାତ୍ରା ଏବଂ ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ ଏବଂ ସୂଚନା ପ୍ରସାରଣରେ ଏହା ସହାୟକ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

Desk

# ଆଇଏଫ୍‌ଏଫ୍‌ଆଇ

ଗୋଆରେ ଚାଲିଥିବା ୫୭ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଅବସରରେ ପ୍ରସାରଭାରତୀ ପକ୍ଷରୁ ଆଜି ‘ସ୍କ୍ରିପ୍ଟ ପିଚିଙ୍ଗ୍ ଲ୍ୟାବ୍ : ପେଜ୍ ସେ ପିଚ୍ ତକ୍’ର ପ୍ରଥମ ସଂସ୍କରଣ ବିଜେତାଙ୍କ ନାମ ଘୋଷଣା କରାଯାଇଛି । ଏହି ପ୍ରତିଯୋଗିତାରେ ଅଭିଶେଷ ଝା ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପୁରସ୍କାର ଜିତିଥିବାବେଳେ ସତ୍ୟବ୍ୟାସ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ଏବଂ ଜିତେଶ ଠାକୁର ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଛନ୍ତି ।